# ପିଲାମାନଙ୍କ ପାଇଁ ବାଇବଲ

## ଉପହାର

# ଯୀଶୁ ବାରଜଣ ଶିଷ୍ୟଙ୍କୁ ବାଛିଲେ



ଲେଖକ: Edward Hughes
ଦୃଷ୍ଟାନ୍ତ: Byron Unger; Lazarus
ଉପଯୋଜକ: E. Frischbutter; Sarah S.
ଅନୁବାଦକ: Prasanta Bhuyan
ପ୍ରୟୋଯୋକ: Bible for Children
www.M1914.org

BFC
PO Box 3
Winnipeg, MB R3C 2G1
Canada

©2015 Bible for Children, Inc.
ଅନୁମତି ପତ୍ର: ଏଠାରେ ଥିବା ସବୁ କାହାଣୀର ଅବିକଳ ନକଲ ଅବା ପ୍ରିଣ୍ଟ କରିବାକୁ ଆପଣଙ୍କର ଅଧୀକାର ଅଛି, ଯେଉଁ ପର୍ଯନ୍ତ ଆପଣ ଏହାକୁ ବିକ୍ରୀ କରନ୍ତି ନାହିଁ ।

ଯୀଶୁ ଅଦ୍ଭୁତ ବିଷୟ ଗୁଡ଼ିକ କଲେ । ସେ ରୋଗ ସୁସ୍ଥ କଲେ, ଅଶାନ୍ତ ଲୋକମାନଙ୍କ ହୃଦୟ ଓ ମନରେ ଶାନ୍ତି ଦେଲେ । ଏବଂ ପରମେଶ୍ୱରଙ୍କ ବାକ୍ୟକୁ ଶିକ୍ଷା ଦେଲେ ।



ଲୋକଗହଳି ସୁସ୍ଥତା ଓ ସାହାଯ୍ୟ ନିମନ୍ତେ ତାଙ୍କ ନିକଟକୁ ଆସିଲେ । ସେ ତାଙ୍କର ଅନେକ ଅନୁଗମନ କାରି ମାନଙ୍କ ମଧ୍ୟରୁ ବାର ଜଣଙ୍କୁ ନିଜର ଶିଷ୍ୟ ହେବା । ନିମନ୍ତେ ଆମନ୍ତ୍ରଣ କଲେ, ଯେପରି ସେମାନେ ତାଙ୍କୁ ଈଶ୍ୱରଙ୍କ କାର୍ଯ୍ୟ କରିବାରେ ସାହାଯ୍ୟ କରିପାରନ୍ତି ।





ଯଦି ତୁମର କିଛି ମହତ୍ତ୍ୱପୂର୍ଣ୍ଣ ବିଷୟ ପସନ୍ଦ ଅଛି, ଆପଣ କି ପରମେଶ୍ୱରଙ୍କୁ ପ୍ରାର୍ଥନା କରନ୍ତି? ଯୀଶୁ କିନ୍ତୁ ପ୍ରାର୍ଥନା କରୁଥିଲେ, ଗୋଟିଏ ନିର୍ଜନ ପର୍ବତମୟ ସ୍ଥାନରେ ସେ ନିଜର ସ୍ୱର୍ଗବାସି ପିତାଙ୍କ ସହିତ କଥାବାର୍ତ୍ତା କରୁଥିଲେ । ଯୀଶୁ ବେଳ ବୁଡ଼ିବା ସମୟ ପର୍ଯ୍ୟନ୍ତ ପ୍ରାର୍ଥନା କରୁଥିଲେ ।



ଯୀଶୁ ଅନ୍ଧାର ରାତ୍ରୀରେ
ରାତ୍ରୀସାରା ପ୍ରାର୍ଥନାରେ
ରହୁଥିଲେ ।

ସକାଳ ସମୟରେ, ଯୀଶୁ ନିଜର ଶିଷ୍ୟମାନଙ୍କୁ ଡାକିଲେ ସମସ୍ତ ବନ୍ଧୁ ଯେଉଁମାନେ ତାହାଙ୍କର ବାଧ୍ୟତା ଥିଲେ ଓ ତାଙ୍କର ସେବା କରୁଥିଲେ । ସେମାନଙ୍କ ମଧ୍ୟରୁ ସେ ମୁଖ୍ୟତ ବାର ଜଣଙ୍କୁ ବିଶେଷ ସାହାଯ୍ୟକାରୀ କିମ୍ବା ଶିଶ୍ୟ ରୁପରେ ଆହ୍ୱାନ କଲେ ।



ଯୀଶୁ ଯେ ପ୍ରଥମ ଦୁଇଜଣଙ୍କୁ ଆହ୍ୱାନ କଲେ ସେମାନେ ଦୁଇ ଭାଇ ଥିଲେ, ଶିମୋନ ପିତର ଓ ଆନ୍ଦ୍ରିୟ । ଯେତବେଳେ ଯୀଶୁ ସେମାନଙ୍କୁ ତାଙ୍କ ପଛରେ ଯିବାକୁ ଡାକିଲେ ସେମାନେ ନିଜର ମତ୍ସ୍ୟ ବ୍ୟବସାୟ ତ୍ୟାଗ କଲେ ।



ଯାକୁବ ଓ ଯୋହନ, ଜେବଦୀଙ୍କ  ପୁତ୍ର ଥିଲେ ।

ସେମାନେ ମଧ୍ୟ ନିଜର ମାଛ ଧରିବା ଜାଲ

ପରିତ୍ୟାଗ କଲେ ।



ଯୀଶୁ ଫିଲ୍ଲିପ୍ପ, ବାର୍ଥଲୋମି, ମାଥିଉ, ଥୋମା, କିଣାନିୟ ଶିମୋନ, ଯାକୁବ ଆଲ୍‌ଫିଙ୍କ ପୁତ୍ର, ଥଦ୍ଦିୟ, ଇଷ୍କାରିୟୋତ ଯିହୁଦା, ଯେ କି ପରିଶେଷରେ ଯୀଶୁଙ୍କର ଶତ୍ରୁ ହୋଇଗଲେ ।



ଯୀଶୁ ତାଙ୍କର ଶିଷ୍ୟମାନଙ୍କୁ ଶିକ୍ଷାଦେଇ କହିଲେ
ଯେ ସେ ଯାହା କରିବାକୁ କହନ୍ତି ତାହା କରିବା
ଏକ ସୁଦୃଢ଼ ମୂଳଦୁଆ ଉପରେ ଘର ଗଢ଼ିବା
ସଂଙ୍ଗେ ସମାନ ଅଟେ । ଭୟଙ୍କର ଝଡ଼
ତୋଫାନ ହେଲେହେଁ ତାହାର କିଛି
କ୍ଷତି କରି ପାରିବ ନାହିଁ ।



କିନ୍ତୁ ଯୀଶୁଙ୍କ ବାକ୍ୟ ପାଳନ ନ କରିବା ଏକ ବାଲୁକାମୟ ସ୍ଥାନର ମୁଳଦୁଆ ଉପରେ ଘର ଗଢ଼ିବା ସଂଙ୍ଗେ ସମାନ ଅଟେ । ଯେତେବେଳେ ଝଡ଼ ଆସେ ସେହି ଘରଟି ଭାଙ୍ଗିଯାଏ ।



ଯୀଶୁଙ୍କର କେତେକ ଆଜ୍ଞା ଗୁଡ଼ିକ ପାଳନ କରିବା ସହଜ ନଥିଲା । ଯଦି କେହି ତୁମ ଡାହାଣ ଗାଲରେ ଚାପୁଡ଼ା ମାରିବ ତେବେ ତାଙ୍କୁ ବାମ ଗାଲ ମଧ୍ୟ ଦେଖାଇଦିଅ, ସେ ଶିକ୍ଷା ଦେଉଥିଲେ । ତୁମ୍ଭମାନଙ୍କର ଶତ୍ରୁମାନଙ୍କୁ ପ୍ରେମ କର । ଲୋକମାନଙ୍କୁ ଯୀଶୁଙ୍କ ପରି ବଞ୍ଚିବାକୁ ପରମେଶ୍ୱରଙ୍କ ସାହାଯ୍ୟର ଆବଶ୍ୟକ ।



ଯୀଶୁମଧ୍ୟ ଲୋକମାନଙ୍କୁ ଲୋକ ଦେଖାଣିଆ ନ
ହୋଇ ଗୁପ୍ତଭାବରେ ପ୍ରାର୍ଥନା କରିବାକୁ କହିଲେ
କେତେକ ଧର୍ମ ଗୁରୁମାନେ ଲୋକମାନଙ୍କ
ସାମ୍ନାରେ ପ୍ରର୍ଥନା କରିବାକୁ ପସନ୍ଦ କରୁଥିଲେ ।



ଯୀଶୁ କହିଲେ ଯେଉଁମାନେ ପରମେଶ୍ୱରଙ୍କ
ଉପରେ ଭରଷା ରଖନ୍ତି ସେ ସେମାନଙ୍କୁ ଖାଦ୍ୟ ଓ
ବସ୍ତ୍ର ଯୋଗାନ୍ତି । ଯେପରି ପରମେଶ୍ୱର ପକ୍ଷିମାନଙ୍କୁ
ଖାଦ୍ୟ ଓ ଫୁଲମାନଙ୍କୁ ଓ ଲତାମାନଙ୍କୁ ସୁନ୍ଦର ରଙ୍ଗ ଦିଅନ୍ତି,
ତାଙ୍କରି ଲୋକମାନେ ନିଜର ସମସ୍ତ ଆବଶ୍ୟକ ନିମନ୍ତେ ତାଙ୍କ
ଉପରେ ଭରଷା କରିପାରନ୍ତି ।



ସେହିଦିନ ଯୀଶୁ ନିଜର ନବ ନିର୍ବାଚିତ
ଚେଲାମାନଙ୍କୁ ଅନେକ ପ୍ରକାରର ଶିକ୍ଷା
ଦେଲେ । ତାଙ୍କର ଶିକ୍ଷା ସରିବା ପରେ ଜଣେ
କୁଷ୍ଠରୋଗୀ ତାଙ୍କ ନିକଟକୁ ଆସିଲେ, ସେ
ଯୀଶୁଙ୍କୁ ପ୍ରାର୍ଥନା କଲେ ଯେ ସେ ଯେପରି
ତାଙ୍କୁ ସୁସ୍ଥ କରନ୍ତି ।



ଯୀଶୁ କୁଷ୍ଠରୋଗୀଙ୍କୁ ଉତ୍ତର ଦେଲେ,
ମୁ ତୁମକୁ ସୁସ୍ଥ କରିବି । ସୁସ୍ଥ ହୁଅ ।
ଶିଶ୍ୟମାନଙ୍କ ସାମ୍ନାରେ, କୁଷ୍ଠରୋଗୀ
ସୁସ୍ଥତା ପାଇଲା । ସେ ସୁସ୍ଥତା
ପଇଲା! କେବଳ ପରମେଶ୍ୱରଙ୍କ ପୁତ୍ର
ତାହା କରିପାରନ୍ତି । ଶିଶ୍ୟମାନେ ଜାଣି
ପାରିଥିଲେ ଯେ ସେମାନଙ୍କ ପାଖରେ
ଅଦ୍ଭୁତ ଧରଣର ଶିକ୍ଷକ ଅଛନ୍ତି ।



ଯୀଶୁ ବାରଜଣ ଶିଶ୍ୟଙ୍କୁ ବାଛିଲେ

ବାଇବଲ, ପରମେଶ୍ୱରଙ୍କ ବାକ୍ୟରୁ ଏକ କହାଣୀ

ରୁ ଅନୁସନ୍ଧାନ କରାଯାଇଅଛି

ମ ାଥିଉ ୪-୭, ମ ାର୍କ ୧, ଲୂକ ୬

"ତୁମ୍ଭ ପ୍ରଦେଶର ଶବ୍ଦ ଆଲୋକ ପ୍ରଦାନ କରିବ ।"
ଗୀତସଂହିତା ୧୧୯ : ୧୩୦

# ସମାପ୍ତି

ଏହି ବାଇବଲ୍ କହାଣି ଇଶ୍ୱରଙ୍କ ବିଷୟରେ ଆମ୍ଭମାନଙ୍କୁ କହେ, ଯିଏ କି ଆମ୍ଭମାନଙ୍କୁ ସୃଷ୍ଟି କରିଅଛନ୍ତି ଏବଂ ସେହି ଇଶ୍ୱର ଚାହାଁନ୍ତି ତୁମ୍ଭେ ତାହାଙ୍କୁ ଜାଣ ।

ଆମ୍ଭେମାନେ ମନ୍ଦକାର୍ଯ କରିଅଛୁ ତାହା ଇଶ୍ୱର ଜାଣନ୍ତି, ଯାହାକୁ ଇଶ୍ୱର କହନ୍ତି ପାପ । ଆଉ ପାପର ବେତନ ହେଉଛି ମୃତ୍ୟୁ, କିନ୍ତୁ ଇଶ୍ୱର ତୁମ୍ଭକୁ ଏଡ଼େ ପ୍ରେମକଲେ ଯେ, ଆପଣା ଅଦ୍ୱିତୀୟ ପୁତ୍ରଙ୍କୁ ଜଗତକୁ ପଠାଇଲେ ଆମ୍ଭମାନଙ୍କର ପାପ ସକାଶୁ ସେ କୃଶ ଉପରେ ମୃତ୍ୟୁବରଣ କଲେ । ପୁନର୍ବାର ଯୀଶୁଖ୍ରୀଷ୍ଟ ଜୀବନକୁ ଫେରିଲେ, ଆଉ ସେ ସର୍ଗ ଗୃହକୁ ଗମନ କଲେ । ଯଦି ତୁମେ ଯୀଶୁଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କର ଆଉ ନିଜର ପାପ କ୍ଷମା ନିମନ୍ତେ ତାଙ୍କୁ ପଚାର, ଆଉ ସେ ନିଶ୍ଚୟ କ୍ଷମା କରିବେ । ବର୍ତ୍ତମାନ୍ ସେ ଆସିବେ ଏବଂ ତୁମ୍ଭଠାରେ ବାସ କରିବେ ଆଉ ତୁମ୍ଭ ମଧ୍ୟ ତାଙ୍କଠାରେ ଚିର କାଳ ପର୍ଯନ୍ତ ବାସ କରିବ ।

ଯଦି ତୁମ୍ଭେ ଏହା ହିଁ ସତ୍ୟବୋଲି ବିଶ୍ୱାସ କର, ତହିଁରେ ଇଶ୍ୱରଙ୍କୁ କୁହନ୍ତୁ:
ପ୍ରିୟର ଯୀଶୁଖ୍ରୀଷ୍ଟ ମୁଁ ବିଶ୍ୱାସ କରେ କି ତୁମ୍ଭେ ହିଁ ଇଶ୍ୱର ଏବଂ ତୁମ୍ଭେ ମନୁଷ୍ୟ ରୁପ ଧାରଣ କରି, ମୋ କରିପାରିବି ନିମନ୍ତେ ମୃତ୍ୟୁବରଣ କଲ, ବର୍ତ୍ତମାନ୍ ଜୀବିତ ଅଛନ୍ତି । ମୁଁ ମଧ୍ୟ ନୂତନ ଜୀବନ ଧାରଣ କରିପାରିବ, ଆଉ ସେହି ଦିନ ଠାରୁ ତୁମ୍ଭ ସହିତ ଚିରକାଳ ରହିବି । ତୁମ୍ଭରି ଆଜ୍ଞାକାରି ସନ୍ତାନ ଓ ତୁମ୍ଭ ନିମନ୍ତେ ବଞ୍ଚିବାକୁ ସାହାଯ୍ୟ କରନ୍ତୁ । ଆମେନ୍ ।

ବାଇବଲ୍ ଅଧ୍ୟୟନ କରନ୍ତୁ ଆଉ ପ୍ରତ୍ୟେକ ଦିନ ଇଶ୍ୱରଙ୍କ ସହିତ କଥୋପକଥନ ହୁଅନ୍ତୁ । ଯୋହନ ୩:୧୬